## ନିର୍ମାଣାଧୀନ କଲଭର୍ଟରେ ପିଟିହେଲା ବାଇକ୍

# ଜଣେ ମୃତ; ୧ ଆହତ

**ମୋହନା, ୩୦।୩(ସମିସ)**

ଗଜପତି ଜିଲ୍ଲା ମୋହନା ଥାନା ପଥରଗଡ଼-କାମ୍ପଗୁଡ଼ା ନିକଟରେ ଏକ ନିର୍ମାଣାଧୀନ କଲଭର୍ଟରେ ବାଇକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣାଯାଇଛି। ମୃତକ ହେଲେ ଆର. ଉଦୟଗିରି ଗ୍ରାମର ସୁଶାନ୍ତ କୁମାର ଗୌଡ଼ (୪୫) ଓ ଗୁରୁତର ଆହତ ଜଣକ ହେଲେ ସାଗର ପ୍ରଧାନ। ସାଗରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ସୁଶାନ୍ତ ଏବଂ ସାଗର ଭୋଜିକାର୍ଯ୍ୟ ନିମନ୍ତ୍ରଣ ଦେବା ପାଇଁ ଲୁହାଗୁଡ଼ି ଗ୍ରାମକୁ ଆସିଥିଲେ। ସେଠାରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଅସାବଧାନତା ଯୋଗୁଁ ନିର୍ମାଣାଧୀନ କଲଭର୍ଟରେ ବାଇକ୍ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ସାଗର ଗୁରୁତର ଆହତ ହୋଇଥିଲେ। ମୃତ ସୁଶାନ୍ତଙ୍କ ଶାଳକ ଶିବ ପ୍ରସାଦ ପ୍ରଧାନଙ୍କ ଅଭିଯୋଗ ପ୍ରକାରେ ମୋହନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଘଟଣାର ତଦନ୍ତ କରାଯାଉଥିବା ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।



## ● ବାଇକ୍‌ରେ ଯାଉଥିବା ବେଳେ ଅଘଟଣ

# ଗଛ ଡାଳ ପଡ଼ି ମହିଳା ଆହତ

**ଜି.ଉଦୟଗିରି, ୩୦।୩(ସମସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ପଦାସାହିରେ ଶନିବାର ବାଇକ୍‌ରେ ଯାଉଥିବା ବେଳେ ଗଛ ଡାଳ ପଡ଼ି ଜଣେ ମହିଳା ଆହତ ହୋଇଛନ୍ତି। ଦାରିଙ୍ଗବାଡ଼ିର ବକିଲା ପ୍ରଧାନ ଓ ତାଙ୍କ ସ୍ତ୍ରୀ କଳିଙ୍ଗାରେ ପାଠ ପଢୁଥିବା ତାଙ୍କ ନାତୁଣୀକୁ ଦେଖିବା ପାଇଁ ବାଇକ୍‌ରେ ଦାରିଙ୍ଗବାଡିରୁ କଳିଙ୍ଗା ବାହାରିଥିଲେ। ଜି. ଉଦୟଗିରି ପଦାସାହି ଅତିକ୍ରମ କରୁଥିବା ବେଳେ ପଦାସାହି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଗଛରୁ ଶୁଖିଲା ଡାଳ ପଡ଼ିବା ଫଳରେ ବାଇକ୍ ପଛରେ ବସିଥିବା ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ଆମ୍ବୁଲାନ୍ସ ନମିଳିବାରୁ ପଦାସାହି ବାସିନ୍ଦାଙ୍କ ସହଯୋଗରେ ଅଟୋରେ ନିଆଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ସ୍ଥାନାନ୍ତର କରାଯାଇଛି। ରାସ୍ତାରେ ଏମିତି ବହୁ ଶୁଖିଲା ଡାଳ ବିପଦସଂକୁଳ ଅବସ୍ଥାରେ ରହିଥିବା ବେଳେ ସେଗୁଡ଼ିକୁ ତୁରନ୍ତ ହଟାଇବାକୁ ସାଧାରଣରେ ଦାବି ହେଉଛି।



## ● ଜି.ଉଦୟଗିରି ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

# ନିର୍ବାଚନ କେଶରୀ ଭୋଇ ସଭାପତି



**ଜି.ଉଦୟଗିରି, ୩୦।୩(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଓକିଲ ସଂଘର କର୍ମକର୍ତ୍ତା ଚୟନ ହୋଇଛି। ସଭାପତି ଭାବେ ନିର୍ବାଚନ କେଶରୀ ଭୋଇ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ମନୋଜ କୁମାର ସାମଲ ୫୧ ଗୋଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବେ ଅଜିତ କୁମାର ଦିଗାଲ, କୋଷାଧ୍ୟକ୍ଷ ଭାବେ ବ୍ରଜମୋହନ ପାତ୍ର, କାର୍ଯ୍ୟକାରୀ ସଭ୍ୟ ଭାବେ ସୁକାନ୍ତ ପାଣିଗ୍ରାହୀ, ଶରତ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଆଜିର ନିର୍ବାଚନୀ ପ୍ରକ୍ରିୟାକୁ ପୁଷ୍ପଶ୍ରୀ ରାଉତରାୟ ପରିଚାଳନା କରିଥିଲେ।

# ଦେଶୀ ବନ୍ଧୁକ ଜବତ; ଜଣେ ଗିରଫ

**ପାରଳାଖେମୁଣ୍ଡି, ୩୦।୩(ସମିସ):** ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ, ଗୁରାଣ୍ଡି ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ କାଇଠଡ଼ା ଗ୍ରାମରେ ଗୋଟିଏ ଦେଶୀ ବନ୍ଧୁକ ଜବତ କରିବା ସହ ଜଣକୁ ଗିରଫ କରିଛି। ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଗୋଷାଣୀ ବଡ଼ ନିଳାପୁରୁ ଆଦି ଗ୍ରାମାଞ୍ଚଳରେ ଗୁରାଣ୍ଡି ପୁଲିସ୍ ଟିମ୍ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ କାଇଠଡା ଗ୍ରାମ ବାହାରେ ବିଳମ୍ବିତ ରାତିରେ ବୁଲୁଥିବା ଜଣେ ବ୍ୟକ୍ତିକୁ ସନ୍ଦେହରେ ପଚରାଉଚରା କରାଯାଇଥିଲା। ତାଙ୍କ ପାଖରେ ଗୋଟିଏ ଦେଶୀ ବନ୍ଧୁକ ଥିବା ଦେଖାଯାଇଥିଲା। ତୁରନ୍ତ ସମ୍ପୃକ୍ତ ବ୍ୟକ୍ତି ସୁଜନ ମଣ୍ଡଳ(୪୮)ଙ୍କୁ ଗିରଫ କରାଯିବା ସହ ଦେଶୀ ବନ୍ଧୁକ ଜବତ କରାଯାଇଥିଲା। ଗୁରାଣ୍ଡି ପୁଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଏହାସହ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଆଇନ ବଳରେ ଦଫା ଲାଗିଛି। ଏଏସ୍‌ଆଇ ସୁଶାନ୍ତ ଦଳେଇ ଘଟଣାର ତଦନ୍ତ କରୁଛନ୍ତି। ଗିରଫ ସୁଜନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।



# ରାଇକିଆ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ରାଇକିଆ, ୩୦।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହୋଇଛି। ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ପାଇଁ ରାଇକିଆ ପୁଲିସ ପକ୍ଷରୁ ଶନିବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ରାଇକିଆ ଥାନା ଅଧିକାରୀ ଆଶୁତୋଷ ପାଇକରାୟଙ୍କ ନେତୃତ୍ୱରେ ଆଇଆରବି ଯବାନ, ଏସ୍‌ଆଇ ତପନ କୁମାର ଦାସ, ଏଏସ୍‌ଆଇ ମାନସ ମାଝୀ, ରାଜେନ୍ଦ୍ର କୁମାର ମିଶ୍ର ଥାନା କର୍ମଚାରୀ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ। ଥାନା ପରିସରରୁ ଉକ୍ତ ଫ୍ଲାଗମାର୍ଚ୍ଚ ବାହାରି ପୁରା ସହର ପରିକ୍ରମା କରିଥିଲା। ଜନସାଧାରଣ ଭୟଭୀତ ନ ହୋଇ ଭୋଟ ଦେବା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ପୁଲିସକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା।



## ● ଓକିଲ ସଂଘ ନିର୍ବାଚନ

# ପ୍ରଦୀପ ସଭାପତି; ସୁରେଶ ସମ୍ପାଦକ

**ଛତ୍ରପୁର, ୩୦।୩(ସମିସ):** ଛତ୍ରପୁର ଓକିଲ ସଂଘର ବିଭିନ୍ନ କର୍ମକର୍ତ୍ତା ନିମନ୍ତେ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ବିଭିନ୍ନ ପଦ ପଦବୀ ନିର୍ବାଚନ ନିମନ୍ତେ ମତଦାନ ହେବା ସହିତ ଫଳାଫଳ ଘୋଷଣା ହୋଇଯାଇଛି। ଓକିଲ ସଂଘର ସଭାପତି ପଦବୀ ନିମନ୍ତେ ପ୍ରଦୀପ କୁମାର ପାଢ଼ୀ ଓ ଏଲ .ଗୋପାଲ ରାଓଙ୍କ ମଧ୍ୟରେ ମୁକାବିଲା ହୋଇଥିବା ବେଳେ ପ୍ରଦୀପ କୁମାର ପାଢ଼ୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ପଦବୀ ପାଇଁ ଡି. ପଦ୍ମନାଭ ପ୍ରଧାନ, ଏସ. ଶ୍ୟାମ କୁମାର ଓ ସୁରେଶ କୁମାର ପଟ୍ଟନାୟକଙ୍କ ମଧ୍ୟରେ ମୁକାବିଲା ହୋଇଥିବା ବେଳେ ସୁରେଶ କୁମାର ପଟ୍ଟନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ କୁସ କୁମାର ବେହେରା ଓ ସମୀର କୁମାର ପାଣିଗ୍ରାହୀଙ୍କ ମଧ୍ୟରେ ମୁକାବିଲା ହୋଇଥିବା ବେଳେ ସମୀର ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଲାଇବ୍ରେରୀ ସେକ୍ରେଟାରୀ ଭାବେ ବିଶ୍ୱ ଭୂଷଣ ପାଢ଼ୀ, ସହ-ସମ୍ପାଦକ ଭାବେ ଜିତୁନ କୁମାର ପାଢ଼ୀ, ଉପସଭାପତି ଭାବେ ଚୈତନ୍ୟ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ବେହେରା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଦେବେନ୍ଦ୍ର କୁମାର ମିଶ୍ର ଦାୟିତ୍ୱ ତୁଲାଇ ଥିବା ବେଳେ ସହକାରୀ ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ କୁମାର ସାହୁ ଓ ନରସିଂହ ପାଢ଼ୀ ଦାୟିତ୍ୱ ତୁଲାଇଥିଲେ।



## ● ଚାକିରି ନାଁରେ ଟଙ୍କା ମାଗୁଛନ୍ତି ଆଉଟ୍‌ସୋର୍ସିଂ ସଂସ୍ଥା କର୍ମଚାରୀ

# ଜିଲ୍ଲାପାଳଙ୍କ ନିକଟରେ ଜିଲ୍ଲା ମିଳିତ ମଞ୍ଚର ଅଭିଯୋଗ

**ଫୁଲବାଣୀ, ୩୦।୩(ସମିସ):** ବେକାର ଯୁବକ ଯୁବତୀଙ୍କୁ ସ୍ଥାୟୀ ଚାକିରି କରାଇଦେବି କହି ଏକ ଆଉଟ୍‌ସୋର୍ସିଂ ସଂସ୍ଥାର କର୍ମଚାରୀ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ଏ ନେଇ କନ୍ଧମାଳ ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ଫେବୃଆରୀ ୭ ତାରିଖରେ ବିଭିନ୍ନ ଗ୍ରୁପ୍-ଡି ଚାକିରିରେ ନିଯୁକ୍ତି ପାଇଁ ଏଜେନ୍ସି ନିୟୋଜିତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ଦାଖଲ କରିଥିବା ଏଜେନ୍ସିଙ୍କ ମଧ୍ୟରୁ ପ୍ରତ୍ୟୁଷ ଏଜେନ୍ସିକୁ ଏହି ଟେଣ୍ଡର ମିଳିଥିଲା। ବର୍ତ୍ତମାନ ଏହି ଏଜେନ୍ସିର ଜଣେ ଏଜେଣ୍ଟ ଗଞ୍ଜାମ, ନୟାଗଡ଼ ଓ କନ୍ଧମାଳ ଜିଲ୍ଲା ସାରା ବୁଲି ସ୍ଥାୟୀ ଚାକିରି ଦେବା କଥା କହି ନିରୀହ ପ୍ରାର୍ଥୀଙ୍କୁ ପ୍ରଲୋଭିତ କରି ଅର୍ଥ ମାଗୁଛନ୍ତି ବୋଲି ମଞ୍ଚ ଅଭିଯୋଗ କରିଛି। ଗୋଟିଏ ପଦ ପିଛା ୭୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ସଂସ୍ଥାର ଟେଣ୍ଡର ବାତିଲ କରିବାକୁ ମିଳିତ ମଞ୍ଚ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛି। ଅନ୍ୟଥା ଏହି ବେନିୟମ କାର୍ଯ୍ୟ ବିରୋଧରେ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ମଞ୍ଚ କର୍ମକର୍ତ୍ତା କହିଛନ୍ତି।



# ସିଆଇଏସ୍‌ଏଫ୍ ଓ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ଛତ୍ରପୁର, ୩୦।୩(ସମିସ):** ଗଞ୍ଜାମ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ପୁଲିସ ଜିଲ୍ଲା ତାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଗଞ୍ଜାମ ପୁଲିସ ଜିଲ୍ଲାରେ ୯ଟି ନିର୍ବାଚନ ମଣ୍ଡଳୀ ରହିଛି। ଏହି ସବୁରେ କିପରି ଶାନ୍ତିଶୃଙ୍ଖଳାରେ ନିର୍ବାଚନ ଶେଷ ହେବ ସେନେଇ ପୁଲିସ ସଜାଗ ରହିଛି। ଏନେଇ ଗଞ୍ଜାମ ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ ଓ ଥାନା ଅଧିକାରୀ ନିରୋଦ କୁମାର ଦାସଙ୍କ ନେତୃତ୍ୱରେ ଛତ୍ରପୁର ସହରର ବିଭିନ୍ନ ଛକ, ସାହି, ଗଳିରେ ସିଆଇଏସଏଫ ଓ ପୁଲିସ ପକ୍ଷରୁ ମିଳିତ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଲୋକମାନେ ଭୟଭୀତ ନହୋଇ ଶାନ୍ତି ଶୃଙ୍ଖଳାରେ ମତଦାନ କରିବାକୁ ଲୋକଙ୍କୁ ଏହି ଫ୍ଲାଗ୍‌ମାର୍ଚ୍ଚ ଜରିଆରେ ବାର୍ତ୍ତା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଥାନାର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

## ● ବୁଗୁଡ଼ା ଓକିଲ ସଂଘ ନିର୍ବାଚନ

# ବନବାସୀ ସଭାପତି; ଦୁର୍ଗା ମାଧବ ସମ୍ପାଦକ





**ବୁଗୁଡ଼ା, ୩୦।୩(ସମିସ):** ବୁଗୁଡ଼ା ଓକିଲ ସଙ୍ଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବନବାସୀ ମହାରଣା ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ସରୋଜ କୁମାର ଦାଶ, ସମ୍ପାଦକ ଭାବେ ଦୁର୍ଗା ମାଧବ ପଣ୍ଡା ଧର୍ମଗୁଳାରେ ବିଜୟୀ ଘୋଷିତ ହୋଇଛନ୍ତି। ଇସି ମେମ୍ବର ଭାବେ ସୁଶାନ୍ତ ଡାକୁଆ, ଆଶିଷ ରାଉତ ଏବଂ ରବୀନ୍ଦ୍ର ବେହେରା ନିର୍ବାଚିତ ହୋଇଥିବାବେଳେ ପୂର୍ବରୁ ସହସମ୍ପାଦକ ଭାବେ ସୀମାଞ୍ଚଳ ନନ୍ଦ ଓ କୋଷାଧ୍ୟକ୍ଷ ଭାବେ କାହ୍ନୁଚରଣ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ସତ୍ୟନାରାୟଣ ମିଶ୍ର ଓ ସହ ନିର୍ବାଚନ ଅଧିକାରୀ ଶ୍ରୀକାନ୍ତ ଶତପଥୀ ଦାୟିତ୍ୱ ନିର୍ବାହ କରିଥିଲେ।

## ● ଦାରିଙ୍ଗବାଡ଼ି ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

# ରଞ୍ଜିତ ସଭାପତି; ଟିପୁ ସୁଲତାନ ସମ୍ପାଦକ



**ଦାରିଙ୍ଗବାଡ଼ି, ୩୦।୩(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଓକିଲ ସଂଘର ୨୦୨୪-୨୫ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ରଞ୍ଜିତ କୁମାର ମନ୍ତ୍ରୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ କୁମାର ସାହୁଙ୍କ ଠାରୁ ଗୋଟିଏ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି। ସେହିଭଳି ସମ୍ପାଦକ ଭାବେ ଟିପୁ ସୁଲତାନ ନାୟକ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଇନ୍ଦ୍ରମଣି ପ୍ରଧାନଙ୍କଠାରୁ ତିନୋଟି ଭୋଟ ଅଧିକ ପାଇଁ ଜିତିଛନ୍ତି। ଉପସଭାପତି ଭାବେ ଜ୍ୟୋତିସେନ ପରିଚ୍ଛା ନିର୍ବିରୋଧ ନିର୍ବାଚିତ ହୋଇଥିବା ବେଳେ ସହ ସମ୍ପାଦକ ଭାବେ ପ୍ରଦୀପ ବଳିଆରସିଂ, କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ବେହେରା ଏବଂ ଲାଇବ୍ରେରୀଆନ ଭାବେ ଏଲିଆସ ମାଝୀ ନିର୍ବାଚିତ ହୋଇଛନ୍ତି। ପ୍ରବୀର କୁମାର ସାହୁ ନିର୍ବାଚନ ପରିଚାଳନା କରିଥିଲେ।

# ପବିତ୍ର ରମଜାନ ମାସ ପାଳିତ

**ଜି.ଉଦୟଗିରି, ୩୦।୩(ସମିସ):** ମୁସଲମାନ ସମ୍ପ୍ରଦାୟର ସବୁଠାରୁ ବଡ଼ ପର୍ବ ଇଦ୍ ହୋଇଥିବା ବେଳେ ଏହାର ପୂର୍ବ ୧ ମାସକୁ ସମସ୍ତ ମୁସଲିମ ସମ୍ପ୍ରଦାୟ ରମଜାନ ମାସ ଭାବେ ପାଳନ କରିଥାନ୍ତି। ୩୦ ଦିନ ଧରି ଉପବାସ ରହି ରୋଜା ରଖିଥାନ୍ତି। ଏହି କ୍ରମରେ ସ୍ଥାନୀୟ ଅଞ୍ଚଳର ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ରମଜାନ ମାସକୁ ଧୁମ୍‌ଧାମରେ ପାଳନ କରୁଥିବା ଦେଖିବାକୁ ମିଳୁଛି। ମୁସଲମାନ ପରିବାରର ଛୋଟ ବଡ଼ ସମସ୍ତ ସଦସ୍ୟ ରୋଜା ବା ନିର୍ଜଳ ଉପବାସ କରିଥାନ୍ତି। ଏହି ଅବସରରେ ଜି.ଉଦୟଗିରିରେ ସାମୂହିକ ନମାଜ ପାଠ, କୋରାନ ପାଠ ଅନୁଷ୍ଠିତ ହୋଇଛି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ଗୋପାଳକୃଷ୍ଣ ମହାପାତ୍ର, ପି. ସଂଜୀବ କୁମାର ପାତ୍ର, ଅନିଲ କୁମାର ଦଳବେହେରା ମସଜିଦ୍ ଯାଇ ସମସ୍ତଙ୍କୁ ରମଜାନ ମାସର ଶୁଭେଚ୍ଛା ଜଣାଇଥିଲେ। ପବିତ୍ର ରମଜାନ ମାସ ନିମନ୍ତେ ହାସନ୍ ରାଜା ସ୍ଥାନୀୟ ମସଜିଦ୍‌ରେ କୋରାନ ପାଠ କରୁଥିବା ମସଜିଦ୍ କମିଟି ତରଫରୁ କୁହାଯାଇଛି।



# ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ କଳସଯାତ୍ରା

**ଦିଗପହଣ୍ଡି, ୩୦।୩(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଓଡାସିଙ୍ଗି ଗ୍ରାମସ୍ଥିତ ଶ୍ରୀ ସପ୍ତେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଶନିବାର ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅବସରରେ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଅଜିତ ରଥ ଓ ଜଗଦୀଶ ରଥ, ସାଗର ତ୍ରିପାଠୀ, ଗୋପାଳକୃଷ୍ଣ ହୋତା, ସୁଶାନ୍ତ ରଥ ପ୍ରମୁଖଙ୍କ ପୂଜାପାଠ ପରେ ଶତାଧିକ ମହିଳା ଦୀକ୍ଷା ଗ୍ରହଣ କରିବା ସହ କଳସ ଯାତ୍ରାରେ ସାମିଲ ହୋଇଥିଲେ। ଏହାପରେ ଗ୍ରାମ ନିକଟସ୍ଥ ବଡ଼ବନ୍ଧରେ ପଣ୍ଡିତଙ୍କ ଦ୍ୱାରା ପୂର୍ବ ପ୍ରଚଳିତ ନୀତିକାନ୍ତି ଅନୁଯାୟୀ ଯଜ୍ଞ ସ୍ଥଳକୁ ମାନସିକଧାରୀମାନେ ଜଳପୂର୍ଣ୍ଣ କଳସ ଧରି ଜଳଯାତ୍ରା କରିଥିଲେ। ଶନିବାରଠାରୁ ୫ ଦିନ ବ୍ୟାପୀ ଏହି ମହାଯଜ୍ଞ ଆୟୋଜିତ ହେବାକୁ ଥିବାବେଳେ ବୁଧବାର ମହାଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ଯଜ୍ଞ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ମହାଯଜ୍ଞ ପରିଚାଳନା କମିଟି ସଭାପତି ଦେବରାଜ ରେଡ୍ଡୀ, ଉପସଭାପତି ଦଣ୍ଡପାଣି ବାଉତ୍ୟା, ସମ୍ପାଦକ ଜାଗିଲି ରେଡ୍ଡୀ, କୋଷାଧ୍ୟକ୍ଷ କ୍ଷେତ୍ର ରେଡ୍ଡୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼, ପୂର୍ବତନ ସରପଞ୍ଚ ଭୀମସେନ ସାହୁ, ଯଜ୍ଞ ପରିଚାଳନା କମିଟି ସଦସ୍ୟ ଜାଗିଲି ସେଠୀ, ସହଦେବ ରେଡ୍ଡୀ, ଧର୍ମେନ୍ଦ୍ର ଚୌଧୁରୀ, ଟିଟୁ ବାଉତ୍ୟା, ସୁଶାନ୍ତ ରେଡ୍ଡୀ, ବଣ୍ଟି ପାତ୍ର, କାଳିଆ ରେଡ୍ଡୀ, ହରିଶ୍ଚନ୍ଦ୍ର ରେଡ୍ଡୀ, ବାଲାଜୀ ରେଡ୍ଡୀ, ଯୋଗେନ୍ଦ୍ର ରେଡ୍ଡୀ, ବାରିକ ପାତ୍ର ଏବଂ ତତ୍ତ୍ୱାବଧାରକ ଭଗବାନ ସେଠୀ ସମେତ ଅନ୍ୟାନ୍ୟ କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



## ଜିଲ୍ଲା ବାର୍ ଆସୋସିଏସନ୍‌ର କର୍ମକର୍ତ୍ତା ଚୟନ

# ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଫୁଲବାଣୀ, ୩୦।୩(ସମିସ):** ଫୁଲବାଣୀ ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ନିର୍ବାଚନରେ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିରେ ନୀରଦ କୁମାର ପାତ୍ର ସଭାପତି ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ହରପ୍ରସାଦ ସାମନ୍ତ, ସମ୍ପାଦକ କୁଞ୍ଜ ବିହାରୀ ଶତପଥୀ, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ସାହୁ, ପାଠାଗାର ସମ୍ପାଦକ ମୋହନ କୁମାର ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଅସ୍ମିତା କୁମାରୀ ନାୟକ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ଅଜୟ କୁମାର ସିଂ, ବିଜୟ ମହାନ୍ତି, ବୀଣାପାଣି ପ୍ରଧାନ, ବିଶ୍ୱଜିତ ପଟ୍ଟନାୟକ, ଦିଲୀପ କୁମାର ବାନାର୍ଜୀ, ଗୌରୀ ଶଙ୍କର ବେହେରା ଓ ପ୍ରତାପ କୁମାର ପାତ୍ରଙ୍କୁ ମନୋନୀତ କରାଯାଇଛି। ଶନିବାର ସ୍ଥାନୀୟ ଜିଲ୍ଲା ବାର୍ ଆସୋସିଏସନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଦାୟୀ ସଭାପତି ଭଗବାନ ମହାନ୍ତି ଓ ସମ୍ପାଦକ କମଳ କୁମାର ବେହେରା ନୂତନ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସମସ୍ତଙ୍କ ସହଯୋଗରେ ଗତ ଦିନରେ ଫୁଲବାଣୀରେ ରାଜ୍ୟ ଆଇନଜୀବୀ ସମ୍ମିଳନୀ ସଫଳତାର ସହିତ ଆୟୋଜିତ ହୋଇଥିବାରୁ ଶ୍ରୀ ମହାନ୍ତି ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ। ନିର୍ବାଚନ ପ୍ରକ୍ରିୟାକୁ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ପରିଚାଳନା କରିଥିଲେ।



## ● ପାରଳାଖେମୁଣ୍ଡି ଓକିଲ ସଂଘ ନିର୍ବାଚନ

# ସ୍ୱରୂପ କୁମାର ସଭାପତି; ରାମକୃଷ୍ଣ ସମ୍ପାଦକ

**ପାରଳାଖେମୁଣ୍ଡି, ୩୦।୩(ସମିସ):** ପାରଳାଖେମୁଣ୍ଡି ଓକିଲ ସଂଘ ନିର୍ବାଚନ ଶନିବାର ଜିଲ୍ଲା କୋର୍ଟ ପରିସରରେ ଥିବା ଓକିଲ ସଂଘ କକ୍ଷରେ ଅନୁଷ୍ଠିତ ହୋଇଛି। ନିର୍ବାଚନରେ ସଭାପତି ଭାବରେ ସ୍ୱରୂପ କୁମାର ପାଳ ନିର୍ବାଚିତ ହୋଇଥିବା ବେଳେ, ସମ୍ପାଦକ ଭାବେ ରାମକୃଷ୍ଣ ନାୟକ ନିର୍ବାଚିତ ହୋଇଛନ୍ତି। ମୋଟ ୯୯ ଜଣ ସଦସ୍ୟ ନିର୍ବାଚନରେ ଭାଗ ନେଇଥିଲେ। ସ୍ୱରୂପ ୫୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ରାମକୃଷ୍ଣ ନାୟକଙ୍କୁ ୫୯ ଖଣ୍ଡ ଭୋଟ ମିଳିଥିଲା। ଉପସଭାପତି ଭାବେଶିଶିର କୁମାର ଜେନା ଓ ସହ ସମ୍ପାଦକ ଭାବରେ ନୀଳମାଧବ ଅଧିକାରୀ ଏବଂ କୋଷାଧ୍ୟକ୍ଷ ଭାବରେ ସଞ୍ଜୟ କୁମାର ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ ପଦାଧିକାରୀଙ୍କୁ ଜିଲ୍ଲା କୋର୍ଟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବାର୍ ଆସୋସିଏସନ୍ ସଦସ୍ୟ ଏବଂ ସହରର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।



॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



✓ ବିବସ୍ୱ ସାହୁ
ଅବସରପ୍ରାପ୍ତ ବନ କର୍ମଚାରୀ
ତୁଳଣ୍ଡା, ତରଭା, ସୋନପୁର
ଧରାବତରଣ- ୧୪.୦୪.୧୯୫୬, ସ୍ୱର୍ଗାରୋହଣ- ୨୧.୦୩.୨୦୨୪

ଆପଣଙ୍କ ସ୍ନେହ, ମମତା, ପିତୃମାତୃ ଭକ୍ତି, ଜୀବନରେ ଈଶ୍ୱର ନିଷ୍ଠା, ସନ୍ତାନ ପ୍ରତି ଅକୁଣ୍ଠିତ ବାତ୍ସଲ୍ୟ ପ୍ରତିଫଳିତ ହୋଇଥିଲା। ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବାପା - ଗୋପିନାଥ ସାହୁ, ପତ୍ନୀ- ସଂଯୁକ୍ତା, ଝିଅ- ଅନିତା, ସୁନିତା, ଲଳିତା, ଅଙ୍କିତା, ସଞ୍ଜିତା, ଭାଇ- ଶ୍ରୀବତ୍ସ, ପୂର୍ଣ୍ଣଚନ୍ଦ୍ର, ଜ୍ୱାଇଁ- ପ୍ରିୟରଞ୍ଜନ, ଦେବବ୍ରତ, ପୁତୁରା- ଅଂଶୁ, ପିଙ୍କୁ, ରିଙ୍କୁ, ନାତୁଣୀ- ପ୍ରତୀକ୍ଷା, ସମୀକ୍ଷା, ମିଷ୍ଟି, ନାତି - ଦିପେଶ ଓ ପରିବାରବର୍ଗ।

## ନବଜାତ ଶିଶୁକନ୍ୟା ଉଦ୍ଧାର

**ପାତ୍ରପୁର, ୩୦ ।୩(ସମିସ):** ପାତ୍ରପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ନୂଆଗାଁ ଗ୍ରାମର ଇଟାଭାଟି ପାର୍ଶ୍ୱ ଲଟା ମୂଳରୁ ଏକ ନବଜାତ ଶିଶୁକନ୍ୟା ଶନିବାର ଉଦ୍ଧାର ହୋଇଛି । ସକାଳେ ଶିଶୁର କ୍ରନ୍ଦନ ଶୁଣି ନିକଟରେ ଇଟାଭାଟିରେ କରୁଥିବା ଲୋକମାନେ ୧୦୮ କୁ ଖବର ଦେଇଥିଲେ । ୧୦୮ ଆମ୍ବୁଲାନ୍ସ ପହଞ୍ଚି ଶିଶୁକୁ ଉଦ୍ଧାର କରି ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରିଥିଲେ । ପରେ ଶିଶୁଟିକୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି । ଶିଶୁର ପରିଚୟ ଜଣାପଡ଼ିନଥିବା ବେଳେ କିଏ ଓ କଣପାଇଁ ଶିଶୁକୁ ଏମିତି ଛାଡ଼ି ଚାଲିଗଲା ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି ।

## ଗଞ୍ଜେଇ ଜବତ; ଜଣେ ଗିରଫ

**ଆସିକା/ଧରାକୋଟ, ୩୦ ।୩(ସମିସ):** ଗତ କିଛିଦିନ ଅବକାରୀ ବିଭାଗର ନିରବତା ପରେ ନୂଆ କରି ଯୋଗଦେଇଥିବା ଆସିକା ଅବକାରୀ କାର୍ଯ୍ୟ ବିଭାଗର ମଣ୍ଡଳ ଅଧିକାରୀ ଅରୁଣ



କୁମାର ଯୋଶୀ ଗତ କିଛି ଦିନ ହେଲା ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ପୋଚ ନଷ୍ଟ କରିଛନ୍ତି । ସେହିପରି ଆସିକା ଧରାକୋଟ ୫୯ ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଅଭିଯୁକ୍ତ ହେଲେ କର୍ଣ୍ଣାଟକ ଅଞ୍ଚଳର ଐଠ ଗୋପୀ ବୋଲି ଜଣାପଡ଼ିଛି । ଚଢ଼ଉରେ ନୀଳାମ୍ବର ନାୟକ, ଜି ଭିମା, ରବୀନ୍ଦ୍ର ବିଶ୍ୱାଳ, ସିଦ୍ଧାନ୍ତ ବିଷୋୟୀ ଓ ସନ୍ତୋଷ ପ୍ରଧାନ ସାମିଲ ଥିଲେ । ଆସିକା ଅବକାରୀ କେସନଂ ୮୨/୨୩-୨୪ରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି ।

## ଦୁର୍ଘଟଣାରେ ଯୁବକ ମୃତ

**ପାତ୍ରପୁର, ୩୦ ।୩(ସମିସ):** ଜରଡ଼ା ଥାନା ଜୟନ୍ତୀପୁର ଗ୍ରାମ ନିକଟରେ ବାଇକ୍ ସହିତ ପିକଅପ୍ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଜୟନ୍ତୀପୁର ଗ୍ରାମ ଗଣପତି ରାଉଳ (୫୦) । ଗଣପତି ଏକ ବାଇକ୍ ଯୋଗେ ବସ୍‌ଷ୍ଟାଣ୍ଡ ଆଡ଼କୁ ଆସୁଥିବାବେଳେ ବିପରୀତ ଦିଗରୁ ଏକ ପିକ୍‌ଅପ୍ କେଶରୀପଡ଼ା ପଟକୁ ଯାଉଥିଲା । ହଟାତ ଦୁଇ ଗାଡ଼ି ମଧ୍ୟରେ ଧକ୍କା ହେବା ଫଳରେ ଗଣପତି ଚକତଳେ ପଡ଼ି ମତ୍ୟୁ ହୋଇଥିଲା । ସ୍ଥାନୀୟ ଲୋକେ ବାଇକ୍ ଯୋଗେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ବେଳେ ଚୁଡ଼ିଆଲାଞ୍ଜି ଠାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନେଇଥିଲେ । ଡାକ୍ତର ସେଠାରେ ଗଣପତିଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଏହି ଘଟଣାରେ ଅନ୍ୟ ଜଣେ ଆହତ ହୋଇଥିଲେ । ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି । ଗଣପତି ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ପରିବାରକୁ ସରକାରୀ ସହାୟତା ପାଇଁ ଜୟନ୍ତୀପୁର ସମିତି ସଭ୍ୟ ବାଲାଜୀ ପାଢ଼ୀ ଦାବି କରିଛନ୍ତି ।

## ପଞ୍ଚୁ ଦୋଳଯାତ୍ରାର ସାହିଯାତ୍ରା

**ଗଞ୍ଜାମ, ୩୦ ।୩(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମା ହାଟ ପଡ଼ିଆରେ ପଞ୍ଚୁ ଦୋଳ ଯାତ୍ରାର ସାହି ଯାତ୍ରା ଶୁକ୍ରବାର ବିଳମ୍ବିତ ରାତ୍ରରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ସମଗ୍ର ଅଞ୍ଚଳ ଏବେ ଉତ୍ସବ ମୁଖର ହୋଇଛି । ସନ୍ଧ୍ୟାରୁ ସାହି ଯାତ୍ରା ପାଇଁ ସମସ୍ତ ଗ୍ରାମ ଏବଂ ହୁମା ଗ୍ରାମର ବିଭିନ୍ନ ସାହି ଚଳଚଞ୍ଚଳ ହୋଇଉଠିଛି । ଏହି ଅବସରରେ ସମସ୍ତ ଠାକୁର ନିଜ ସାହିରେ ଦୋଳ ବିମାନ ବସିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା । ଠାକୁରଙ୍କ ସମ୍ମୁଖରେ ରାତ୍ରତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ପୂର୍ବାହ୍ନରେ ସାହିଯାତ୍ରା ସମାପିତ ହୋଇଥିଲା । ହୁମ୍ମା ଗ୍ରାମର ବଡ଼ ସାହି, ଗୋପୀନାଥ ସାହି, କେଉଟ ସାହି ଓ ଅନ୍ୟାନ୍ୟ ସାହି ସମେତ କଣ୍ଟିଆ ଗଡ଼, ଖଟୁଆ କୁଦା, ଝାଡ଼ କୁଦା, ଗଡ଼ ହୁମା, ବେଲପଡ଼ା, କଳାଯମୁନା, ଲୁଂଘୁରି ପ୍ରଭୃତି ଗ୍ରାମରେ ଯାତ୍ରା ଅନୁଷ୍ଠିତ ହୋଇଛି ।

## ଚିରିକିପଡ଼ା ଶାସନରେ ବିଧାୟକଙ୍କ ପୂଜାର୍ଚ୍ଚନା

**ପୋଲସରା, ୩୦ ।୩(ସମିସ):** ପୋଲସରା ନିର୍ବାଚନମଣ୍ଡଳୀରୁ ତୃତୀୟ ଥର ଲାଗି ଶ୍ରୀକାନ୍ତ ସାହୁଙ୍କୁ ବିଜେଡି ଦଳ ପ୍ରାର୍ଥୀ କରିଛି । ଏହାକୁ ନେଇ ତାଙ୍କ ସମର୍ଥକ ମଧ୍ୟରେ ଖୁସିର ଲହରୀ



ଖେଳି ଯାଇଛି ।୨୦୨୪ ସାଧାରଣ ନିର୍ବାଚନରେ ତୃତୀୟ ଥର ପୋଲସରା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ଗତ ନିର୍ବାଚନ ଠାରୁ ୪୦ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜୟୀ ହାସଲ କରି ହ୍ୟାଟ୍ରିକ୍ ମାରିବେ ବେଲି ସମର୍ଥକ ମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏନେଇ ଶନିବାର ଚିରିକିପଡ଼ାଶାସନ ପଞ୍ଚାୟତ ପକ୍ଷରୁ ରଞ୍ଜନ କୁମାର ସାହୁ ଓ ଜିଲ୍ଲା ମହିଳା ଉପସଭାପତି କବିତା ସାହୁଙ୍କ ନେତୃତ୍ୱରେ ବହୁ ସମର୍ଥକ ପୋଲସରା ଏନଏସି ସ୍ଥିତ ହନୁମାନ ନଗରର ନିକଟସ୍ଥ ହନୁମାନ ମନ୍ଦିରରେ ଏକତ୍ରିତ ହୋଇ ବିଧାୟକ ଶ୍ରୀ ସାହୁଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ ପୂଜାର୍ଚ୍ଚନା କରିଥିଲେ । ଉକ୍ତ ପୂଜାର୍ଚ୍ଚନାରେ ନିର୍ବାଚନମଣ୍ଡଳୀ ସଭାପତି ସୁଶାନ୍ତ କୁମାର ପୋଲେଇ, ବାସୁଦେବ ନାୟକ, ତୁତୁନ ପ୍ରଧାନ, ତୁଳସୀ ସାହୁ, ସାଗର ସାହୁ, କାଲୁ ଚରଣ ନାୟକ ଓ ରବୀନ୍ଦ୍ର ଭୂୟାଁ ସମେତ ବହୁ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ ।

# ପୂର୍ବ ଶତ୍ରୁତାରୁ ଛୁରାମାଡ଼; ଜଣେ ମୃତ

**ପୁରୁଷୋତ୍ତମପୁର, ୩୦ ।୩(ସମିସ):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ସକାଳେ ଜଣଙ୍କୁ ଛୁରାମାଡ଼ ହୋଇଛି । ଫଳରେ ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ କାହ୍ନୁ ବେହେରା(୫୨) । ପୁଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ରକ୍ତ ନମୂନା ଓ ଛୁରାର କିଛି ଅଂଶ ସଂଗ୍ରହ କରିଛି । ମୃତକଙ୍କ ଭାଇ ଛଇଳ ବେହେରାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାନୁସାରେ ଛଇଳ ଶୁକ୍ରବାର ରାତିରେ ଦଣ୍ଡନାଚ ଦେଖି ଫେରୁଥିଲେ । ଏତିକିବେଳେ ସେହି ଗ୍ରାମର ସନାପ୍ରଧାନଙ୍କ ସମେତ ୭/୮ଜଣ ସଂଘବଦ୍ଧ ଭାବେ ପହଞ୍ଚି ତୋର ଭାଇ କୁଆଡ଼େ ଗଲା ଆଜି ତାକୁ ଜୀବନରେ ମାରିଦେବୁ କହିଥିଲେ । ଏହି ସମୟରେ କାହ୍ନୁ ତନ୍ତୀ ସାହି ଓ ମହାନ୍ତି ସାହିଛକ ନିକଟରେ ଥିବା ଦେଖି ମୁଣ୍ଡରେ ମାଉଜର ଲଗାଇ ଦୁର୍ବୃତ୍ତମାନେ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କୋଦଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ଘଟଣା ପରେ ଗ୍ରାମରେ ଉତ୍ତେଜନା ଲାଗିରହିଛି ।



## ବେଲଗୁଣ୍ଠା ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ବେଲଗୁଣ୍ଠା, ୩୦ ।୩(ସମିସ):** ଲୋକସଭା ଏବଂ ବିଧାନସଭା ନିର୍ବାଚନ ଦୃଷ୍ଟିରୁ ବେଲଗୁଣ୍ଠା ପୁଲିସ୍ ପକ୍ଷରୁ ବେଲଗୁଣ୍ଠା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ଶନିବାର ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଜିତ୍ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନ, ଜଗନ୍ନାଥପ୍ରସାଦ ଥାନା ଏସ୍‌ଆଇ ବଂଶୀଧର ମଲ୍ଲିକ, ବାଲିପଦର ଫାଣ୍ଡି ଅଧିକାରୀ ସମୀର ବେହେରା, ବେଲଗୁଣ୍ଠା ଥାନା ଏସ୍‌ଆଇ ଅଭୟ ପ୍ରଧାନ, ନାରାୟଣ ନାୟକ, ମହେଶ୍ୱର ବେହେରା, ଏଏସ୍‌ଆଇ ଜ୍ୟୋତ୍ସ୍ନା ପ୍ରଧାନ, ଅନୁ ମଲ୍ଲିକଙ୍କ ସମେତ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଏବଂ ସମସ୍ତ ପୁଲିସ୍ କର୍ମଚାରୀ ବେଲଗୁଣ୍ଠା ସହର ସମେତ ଏହି ଥାନା ଅନ୍ତର୍ଗତ ମଙ୍ଗଳପୁର, ଟିକରପଡ଼ା, ବର ଗାଁ, ଅଢ଼େଇ ଗାଆଁରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ ।



## ସଂଗ୍ରାମୀ ସ୍ମାରକୀ ପୀଠର ପ୍ରସ୍ତୁତି ବୈଠକ

**ରମ୍ଭା, ୩୦ ।୩(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ସଭାଗୃହରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠ ପ୍ରାକ୍ ପ୍ରସ୍ତୁତି ବୈଠକ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି/ସମ୍ପାଦକ ଓ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି ଓ କର୍ମକର୍ତ୍ତା ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ରାଷ୍ଟ୍ରପତି, ରାଜ୍ୟପାଳ, ହାଇକୋର୍ଟ ମୁଖ୍ୟ ବିଚାରପତି ଯୋଗ ଦେବା ନେଇ ନିଷ୍ପତ୍ତି ହୋଇଥିଲା । ତତ ସହିତ ରମ୍ଭାରେ ଏକ ଉତ୍କଳର ଐତିହ୍ୟ ଓ ସାଂସ୍କୃତିକ ସଂଗ୍ରହାଳୟ ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ସହ ୪୧ ଗୋଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । କାର୍ଯ୍ୟକ୍ରମରେ ରାଧାକାନ୍ତ ଦାସ, ପ୍ରଭାକର ତ୍ରିପାଠୀ, ହରେକୃଷ୍ଣ ପଣ୍ଡା, ପ୍ରସାଦ ରାଓ ପୃଷ୍ଟି (କାର୍ଯ୍ୟକାରୀ ସଭାପତି), ଅଭିମନ୍ୟୁ ସାହୁ(ସାଂଗଠନିକ ସମ୍ପାଦକ), ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବାଳକୃଷ୍ଣ ମହାରଣା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଜୟ କୁମାର ବିଶ୍ୱାଳ, ସମାଲୋଚକ ପତ୍ରିକା ଦଣ୍ଡପାଣି ମହାପାତ୍ର, ପ୍ରସନ୍ନ ମିଶ୍ର (ପ୍ରାକ୍ତନ ଅଧକ୍ଷ ), ମହେଶ୍ୱର ବରାଡ଼, ଗୋପାଳକୃଷ୍ଣ ସେନାପତି, ସୁବାସ ପତି, ଭୀମସେନ ବେହେରା, ରବୀନ୍ଦ୍ର ବେହେରା(ବରିଷ୍ଠ ଯୋଗ ଗୁରୁ), ବିଜୟ ଚନ୍ଦ୍ର ବିଶ୍ୱାଳ, ଉମେଶ ମହାନ୍ତି, ରାମଚନ୍ଦ୍ର ବାଉତ୍ୟା, ଚନ୍ଦ୍ରଶେଖର ନାୟକ, ସୁରେଶ ଚନ୍ଦ୍ର ନାହାକ, ବ୍ରଜ କିଶୋର ସାହୁ, ଗୋକୁଳ ନାହାକ, ସୁଦର୍ଶନ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ । ଶିଶୁ ମନ୍ଦିର ସଭାପତି ଏମ. ନୃସିଂହ ସୁବୁଦ୍ଧି ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ । ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ /ଗୁରୁମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଭୁଶୁଡ଼ିବ ବାହାଡ଼ାଗୁଡ଼ା କେନାଲ ସେତୁ

**ଧରାକୋଟ, ୩୦ ।୩(ସମିସ):** ଧରାକୋଟ ବ୍ଲକର ଢଉଗାଁ ପଞ୍ଚାୟତ ଅଧୀନସ୍ଥ ବାହାଡ଼ାଗୁଡା ଗାଁକୁ ଜାତୀୟ ରାଜପଥରୁ ସଂଯୋଗ କରୁଥିବା ଋଷିକୁଲ୍ୟା କେନାଲ ସେତୁ ଜରାଜୀର୍ଣ୍ଣ ସ୍ଥିତିରେ ପହଞ୍ଚିଛି । ଢଉଗାଁ ଦିଗପହଣ୍ଡି ମୁଖ୍ୟ ରାସ୍ତାରୁ ଗାଁ ଭିତରକୁ ଯିବାପାଇଁ ଏହା ଏକ ମାତ୍ର ରାସ୍ତା । ପ୍ରାୟ ତିନି ଶହରୁ ଅଧିକ ପରିବାର ବାସ କରୁଥିବା ଏହି ଗାଁର ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, ବଜାର କାର୍ଯ୍ୟ, ପ୍ରଶାସନିକ କାର୍ଯ୍ୟ ସହ ଜମିବାଡ଼ି ଦେଖାଶୁଣା କାର୍ଯ୍ୟ କରିବା ପାଇଁ ଏହି ସେତୁ ଦେଇ ଯାଉଥିବାରୁ ଏହାର ଗୁରୁତ୍ୱ ବେଶ ଅଧିକ । ଭଞ୍ଜନଗର ଜଳସେଚନ ବିଭାଗ ଅଧୀନରେ ରହିଥିବା ଋଷିକୁଲ୍ୟା କେନାଲ ଉପରେ ଏହି ସେତୁ ପ୍ରାୟ ୫୦ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା । ଦୀର୍ଘ ଦିନ ବିତିଥିଲେ ମଧ ଏହାର ପୁନଃ ନିର୍ମାଣ ପାଇଁ ଜଳସେଚନ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଉନଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏଣୁ ବିଭାଗ ତରଫରୁ ନୂତନ ସେତୁ ନିର୍ମାଣ ପାଇଁ ଦାବି ହେଉଛି ।



## ବାର୍ କାଉନସିଲ କର୍ମକର୍ତ୍ତା ନିର୍ବାଚନ



**କବିସୂର୍ଯ୍ୟନଗର, ୩୦ ।୩(ସମିସ):** କବିସୂର୍ଯ୍ୟନଗର ବାର୍ ଆସୋସିଏସନ କର୍ମକର୍ତ୍ତା ନିର୍ବାଚନ ଶନିବାର ସରିଛି । ଗତ ମାସ ୨୨ରେ ବାର୍ ଆସୋସିଏସନ ସଭାପତି ଦୁଷ୍ମନ୍ତ କୁମାର ଜେନାଙ୍କ ହୃଦ୍‌ଘାତରେ ତିରୋଧାନ ହୋଇଥିଲା । ଶନିବାର କବିସୂର୍ଯ୍ୟନଗର ଦେୱାନୀ ବିଚାରପତି ଓ ପ୍ରଥମ ଶ୍ରେଣୀ ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତର କାର୍ଯ୍ୟରତ ସମସ୍ତ ଆଇନଜୀବୀ କର୍ମକର୍ତ୍ତା ନିର୍ବାଚିତ କରିଥିଲେ । ସଭାପତି ଭାବେ କିଶୋର ଚନ୍ଦ୍ର ପଣ୍ଡା, ଉପସଭାପତି ଅଶୋକ କୁମାର ମହାରଣା, ସମ୍ପାଦକ ଚଣ୍ଡୀପ୍ରସାଦ ପ୍ରଧାନ, ସହ ସମ୍ପାଦକ ଭାବେ ଯଦୁକୁଳ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଥିଲେ । ତ୍ୱରିତ ଆଇନସେବା ସହ ଶୃଙ୍ଖଳିତ ଭାବେ ମିଳିମିଶି କର୍ତ୍ତବ୍ୟ ସମ୍ପାଦନ କରିବାକୁ ନିର୍ବାଚିତ ପ୍ରତିନିଧି ମତପ୍ରକାଶ କରିଥିଲେ ।

■ ଆସିକା ଓକିଲ ସଂଘ ନିର୍ବାଚନ

## ପ୍ରଭାତ ଉପସଭାପତି; ବିଦେଶୀ ସମ୍ପାଦକ

**ଆସିକା, ୩୦ ।୩(ସମିସ):** ଶନିବାର ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟ ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ନିର୍ବାଚନ ହୋଇଯାଇଛି । ପୂର୍ବରୁ ଆସିକା ଓକିଲ ସଙ୍ଘ ସଭାପତି ଭାବେ ସୁଧାଂଶୁ କୁମାର ପଣ୍ଡା, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ମିଶ୍ର



ଓ ଲାଇବ୍ରେରିଆନ ଭାବେ ସିମାଞ୍ଚଳ ସେଠୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଥିବା ବେଳେ ଶନିବାର ଦିନ ଅନ୍ୟ ତିନୋଟି ପଦ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ଉପସଭାପତି ଭାବେ ପ୍ରଭାତ କୁମାର ପାଢ଼ୀ, ସମ୍ପାଦକ ଭାବେ ବିଦେଶୀ ନାହାକ ଓ ସହ ସମ୍ପାଦକ ଭାବେ ରାଘବ କୁମାର ନାହାକ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ କାଳୀ ଚରଣ ଦାସ ଓ ଜୟ ଚନ୍ଦ୍ର ନାୟକଙ୍କ ଠାରୁ ସୂଚନା ମିଳିଛି । ନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କୁ ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟ ପରିସରରେ ପୁଷ୍ପଗୁଚ୍ଛ ଦେଇ ପାଛୋଟି ନେଇଥିଲେ ଉପସ୍ଥିତ ଆଇନଜୀବୀ ।

ଗ୍ରୀଷ୍ମ ପ୍ରବାହ ଜାରି

# ରାସ୍ତା କଡ଼ରେ ଥଣ୍ଡା ପାନୀୟ ଆସର






**ଶେରଗଡ଼, ୩୦ ।୩(ସମିସ):** ଶେରଗଡ଼ରେ ଦିନକୁ ଦିନ ଗ୍ରୀଷ୍ମର ପ୍ରକୋପ ବଢୁଛି । ତାତି ବଢ଼ିବା ସହିତ ଶେରଗଡ଼ ସହରର ରାଜରାସ୍ତାରେ ବିଭିନ୍ନ ଥଣ୍ଡା ପାନୀୟର ଆସର ଜମିଲାଣି । ଗଳିକନ୍ଦିରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ଏବେ ତରଭୁଜ, ଆଖୁରସ, ଲେମ୍ବୁ ସରବତ, ଭୁଷି ମିଶ୍ରି, ଛେନା ପଣା ଆଦିର ଆସର ଜମିଛି । ଏହା ସହିତ ତାଳ ଦେଇ ଲସି ବେପାର ମଧ ଆରମ୍ଭ ହୋଇଗଲାଣି । ଆଉ କେତେକ ସ୍ଥାନରେ ଫଳ ସାଲାଡ ଓ କାକୁଡି ବିକ୍ରି ହେଉଛି । ଏସବୁ ଥଣ୍ଡା ପାନୀୟ ଯେପରି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ନହେବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯିବା ସହିତ ବାସି ଜିନିଷ ତଥା ରଙ୍ଗଯୁକ୍ତ ଖାଦ୍ୟକୁ ବାରଣ କରାଯାଇଛି । ତେବେ ଖରାକୁ ଦୃଷ୍ଟିରେ ରଖି ଶେରଗଡ଼ ସହରରେ ତରଭୁଜ ବେପାର ଜମିଲାଣି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ତରଭୁଜ ଏବେ ମାର୍କେଟକୁ ଆସୁଛି ବୋଲି ବ୍ୟବସାୟୀ ବିଷ୍ଣୁ ଗୌଡ ପ୍ରକାଶ କରିଛନ୍ତି । ପୂର୍ଣ୍ଣିମା ଓ କିରଣ ପ୍ରଜାତିର ତରଭୁଜ ସବୁ ସମୟରେ ଉପଲବ୍ଧ ହେଉଥିବାବେଳେ ଆଗକୁ ହଳଦୀ ରଙ୍ଗର ତରଭୁଜ ଆସିବ ବୋଲି ପ୍ରକାଶ କରିଛନ୍ତି । ବର୍ତ୍ତମାନ ତରଭୁଜ କିଲୋ ପିଛା ୨୫ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ଖଣ୍ଡ ପ୍ରତି ୧୦ ଟଙ୍କା ରହିଛି । ସେହିପରି ଆଖୁରସ ପସରା ମଧ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି । ବ୍ୟବସାୟୀ ଆଖୁରସରେ ଲେମ୍ବୁ, ବରଫ, ପୁଦିନା ପତ୍ର ଏବଂ କଳା ଲୁଣ ମିଶାଇ ଗ୍ଲାସ ପ୍ରତି ୨୦ ଟଙ୍କାରେ ବିକ୍ରି କରୁଛନ୍ତି । ଲେମ୍ବୁ ସରବତ ୧୦, ଭୁଷି ମିଶ୍ରି ୧୦ ଟଙ୍କାରେ ବିକ୍ରି କରାଯାଉଛି । ଏହି ପାନୀୟ ପ୍ରତି ଲୋକଙ୍କ ବେଶ ଚାହିଦା ରହିଛି । ଖରାରେ ଏହା ଦେହ ଓ ମନକୁ ଶାନ୍ତି ପ୍ରଦାନ କରୁଥିବାବେଳେ ବ୍ୟବସାୟୀ ମାନେ ମଧ ବେଶ ଦୁଇ ପଇସା ରୋଜଗାର କରୁଛନ୍ତି ।

## ବଢୁଛି ତାତି; ଖୋଲୁନି ଜଳଛତ୍ର

**ପାତ୍ରପୁର, ୩୦ ।୩(ସମିସ):** ଗତ କିଛି ଦିନ ହେଲା ପାତ୍ରପୁର ବ୍ଲକ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଯେ ଆଗକୁ ପାରଦ ୪୦ଡିଗ୍ରୀ ପାର ହେବ । ଏହା ମଧ୍ୟରେ ପାତ୍ରପୁର ବ୍ଲକରେ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ଖୋଲିନଥିବା ଦେଖିବାକୁ ମିଳିଛି । ଫଳରେ ବାଟୋଇ ମାନେ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି । ପୂର୍ବରୁ ପ୍ରତିବର୍ଷ ମାର୍ଚ୍ଚ ପହିଲାରୁ ସବୁଠାରେ ଜଳଛତ୍ର ଖୋଲୁଥିବାବେଳେ ଗତ କିଛି ବର୍ଷ ହେଲା ଏହାର

**ପାଣି ପାଇଁ ବାଟୋଇ ଡହଳ ବିକଳ**

ବ୍ୟତିକ୍ରମ ଦେଖିବାକୁ ମିଳୁଛି । ସଠିକ୍ ସମୟରେ ଜଳଛତ୍ର ଖୋଲୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଜାଣିଶୁଣି ପ୍ରଶାସନ ଜଳଛତ୍ର ଖୋଲିବାରେ ଅବହେଳା କରୁଥିବା ବେଳେ ଅଂଶୁଘାତରେ ଯଦି କେହି ପ୍ରାଣ ହରାନ୍ତି ତେବେ ପ୍ରଶାସନ ଦାୟୀ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏନେଇ ପାତ୍ରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଅଧିକାରୀ ବିଜୟ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ କରାଯାଥିଲେ ମଧ ତାହା ସମ୍ଭବ ହୋଇପାରିନାହିଁ । ତେବେ ଅଞ୍ଚଳବାସୀଙ୍କ ହିତ ପାଇଁ ତୁରନ୍ତ ଜଳଛତ୍ର ଖୋଲିବାକୁ ଦାବି ହୋଇଛି ।

● ଦିଗପହଣ୍ଡି ଓକିଲ ସଂଘ ନିର୍ବାଚନ

## ହରପ୍ରସାଦ ସଭାପତି; ପ୍ରଦୀପ ସମ୍ପାଦକ



**ଦିଗପହଣ୍ଡି, ୩୦ ।୩(ସମିସ):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର ନିର୍ବାଚନ ଶନିବାର ଶାନ୍ତିପୂର୍ଣ୍ଣ ଭାବେ ସରିଛି । ଓକିଲ ସଂଘ ସଭାପତି ଭାବେ ହରପ୍ରସାଦ ରଥ ତାଙ୍କ ପ୍ରତିପକ୍ଷ ଗିରିଜା ନନ୍ଦନ ମେକାପଙ୍କୁ ୧୬ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ରଞ୍ଜନ କୁମାର ବେହେରା ତାଙ୍କ ପ୍ରତିପକ୍ଷ ଗଜାନନ ତ୍ରିପାଠୀଙ୍କୁ ୫ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ନିର୍ବାଚିତ ହୋଇଛନ୍ତି । ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରଦୀପ କୁମାର ନାୟକ ପ୍ରତିପକ୍ଷ ପ୍ରହ୍ଲାଦ କୁମାର ପ୍ରଧାନଙ୍କୁ ମୋଟ ୨୭ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ନିର୍ବାଚିତ ହୋଇଛନ୍ତି । ସହ-ସମ୍ପାଦକ ପଦବୀରେ ରବିଚନ୍ଦ୍ର ଗୌଡ଼ ତାଙ୍କ ପ୍ରତିପକ୍ଷ ଟୁକୁନା ପ୍ରଧାନଙ୍କୁ ୬ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ନିର୍ବାଚିତ ହୋଇଥିବା ବେଳେ ପୂର୍ବରୁ ସିମାଞ୍ଚଳ ପ୍ରଧାନ ଅପ୍ରତିଦ୍ୱନ୍ଦ୍ୱୀ ଭାବେ କୋଷାଧ୍ୟକ୍ଷ ପଦବୀରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ନୋଟାରୀ ରତ୍ନାକର ମେକାପ ଜଣାଇଛନ୍ତି । ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତା ମାନଙ୍କୁ ଓକିଲ ସଂଘର ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି ।

## ଓକିଲ ସଂଘ ନିର୍ବାଚନ

# ସଭାପତି ଭାବେ ନୀଳାମ୍ବର ଶତପଥୀ ବିଜୟୀ



**ଖଲ୍ଲିକୋଟ,୩୦ ।୩(ସମିସ):** ଖଲ୍ଲିକୋଟ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପଦ ପାଇଁ ଆଇନଜୀବୀ ପ୍ରଶାନ୍ତ କୁମାର ପଣ୍ଡା ଏବଂ ନିଳାମ୍ବର ଶତପଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଭୋଟ ଗଣତି ପରେ ଉଭୟେ ସମାନ ସଂଖ୍ୟକ ୪୪ ଲେଖାଏଁ ଭୋଟ ପାଇଥିଲେ। ପରବର୍ତ୍ତୀ ସମୟରେ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ନିଖିଲ କୁମାର ପଟ୍ଟନାୟକ ଧର୍ମଗୁଳା ପକାଇ ଥିଲେ। ଧର୍ମ ଗୁଳାରେ ନିଳାମ୍ବର ଶତପଥୀ ବିଜୟୀ ହୋଇ ବାର୍ ସଭାପତି ମନୋନୀତ ହୋଇଥିଲେ। ସେହିପରି ଜ୍ୟୋତିଷ କୁମାର ନନ୍ଦ ସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ସେମିନାର ସେକ୍ରେଟାରୀ ରଞ୍ଜନ ସେଠୀ ଏବଂ ରାଧାଶ୍ୟାମ ଦଳେଇ ଉପସଭାପତି ଭାବେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ଶୈଳେନ୍ଦ୍ର ସଭାପତି; ରାଜେନ୍ଦ୍ର ସମ୍ପାଦକ



**ଭଞ୍ଜନଗର,୩୦ ।୩(ସମିସ):** ସ୍ଥାନୀୟ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୨୧୫ ଜଣ ଆଇନଜୀବୀ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ସଭାପତି ଭାବେ ଶୈଳେନ୍ଦ୍ର ନାରାୟଣ ସାହୁ ଓ ଉପସଭାପତି ଭାବେ ଡି. ଗଗନ ବିହାରୀ ବିଦ୍ଧାଣିରା ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଲଡ୍ଡୁ କିଶୋର ଆଳତିଆଙ୍କ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଓକିଲ ସଂଘ ସଂପାଦକ ଭାବେ ରାଜେନ୍ଦ୍ର କୁମାର ପ୍ରଧାନ ଓ ସଂପାଦକ ରାଜେନ୍ଦ୍ର କୁମାର ପ୍ରଧାନ, ଯୁଗ୍ମ ସଂପାଦକ ଭାବେ ଅଶ୍ୱିନୀ କୁମାର ଦାଶ ଓ କୋଷାଧ୍ୟକ୍ଷ ଭାବେ ସଂଗ୍ରାମ କେଶରୀ ମିଶ୍ର ନିର୍ବିରୋଧ ନିର୍ବାଚିତ ହୋଇଥିବାବେଳେ ଶନିବାର କେବଳ ସଭାପତି ଓ ସଂପାଦକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘ ନିର୍ବାଚନକୁ ନିର୍ବାଚନ ଅଧିକାରୀ ଲଡ୍ଡୁ କିଶୋର ଆଳତିଆ ପରିଚାଳନା କରିଥିବାବେଳେ ତାଙ୍କୁ ତ୍ରିନାଥ ମଳିକ ଓ ବିମ୍ବାଧର ଷଡ଼ଙ୍ଗୀ ସହଯୋଗ କରିଥିଲେ। ନବନିର୍ବାଚିତ ସଭାପତି ଓ ସଂପାଦକ ନିଜ ପ୍ରତିକ୍ରିୟାରେ ଭଞ୍ଜନଗର ଓକିଲ ସଂଘ ଅଞ୍ଚଳର ବିକାଶ ଦିଗରେ ବିଶେଷ କରି ବ୍ରହ୍ମପୁର-ସମ୍ବଲପୁର ରେଳପଥ, ଘୁମୁସର ଜିଲ୍ଲା ଆନ୍ଦୋଳନ, ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଭଳି ବିଭିନ୍ନ ପ୍ରସଙ୍ଗ ସହ ଓକିଲଙ୍କ ସ୍ୱାର୍ଥ ଦିଗରେ ପ୍ରୟାସ ପୂର୍ବଭଳି ଜାରୀ ରଖିବେ ବୋଲି ଉଲ୍ଲେଖ କରିଥିଲେ।

## ଗଞ୍ଜାମ ଓକିଲ ସଂଘ ନିର୍ବାଚନ

# ନୟନ ସଭାପତି; ବିରଞ୍ଚି ସମ୍ପାଦକ

### ● ରାମ ଉପସଭାପତି, ଗିରିଜା ସହସମ୍ପାଦକ ● ମୀରା ମହିଳା କାର୍ଯ୍ୟକାରିଣୀ ସଦସ୍ୟା

**ବ୍ରହ୍ମପୁର,୩୦।୩ ( ସମିସ)**

ଶାନ୍ତି ଶୃଙ୍ଖଳା ସହ ଶେଷହୋଇଛି ଗଞ୍ଜାମ ଓକିଲ ନିର୍ବାଚନ। ଘୋଷଣା ହେଲା ଫଳାଫଳ। ଏଥିରେ ୬୮୬ ସର୍ବାଧିକ ଭୋଟ ପାଇ ସଭାପତି ଭାବେ ନୟନଚନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସେହିଭଳି ସର୍ବାଧିକ ୪୨୨ ଭୋଟ ପାଇ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ୧୧୨୧ ଭୋଟ ପାଇ ଉପସଭାପତି ଭାବେ ରାମପ୍ରସାଦ ପଣ୍ଡା ନିର୍ବାଚିତ ହୋଇଥିବା ବେଳେ ୭୩୨ ଭୋଟ ପାଇ ଗିରିଜା ଶଙ୍କର ବେହେରା ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ରାମପ୍ରସାଦ ପଣ୍ଡା ଏକତରଫା ବିଜୟୀ କରିଛନ୍ତି । ସେହିପରି ମହିଳା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମିରାବାଇ ପାଣିଗ୍ରାହୀ ୮୫୧ ସର୍ବାଧିକ ଭୋଟ ପାଇଁ ବିଜୟ ହାସଲ କରିଛନ୍ତି । ପୁରୁଷ କାର୍ଯ୍ୟକାରୀ ସଦସ୍ୟଙ୍କ ମଧ୍ୟରେ ପ୍ରଭାତ କୁମାର ପାତ୍ର, ମନୋଜ ନାୟକ, ପ୍ରଭାତ କୁମାର ନାୟକ, ଅନିରୁଦ୍ଧ କୁମାର ପାତ୍ର, ନିରଞ୍ଜନ ବେହେରା, ରାଜେଶ କୁମାର ରାଉଳ ନିର୍ବାଚିତ ହୋଇଛନ୍ତି। ଆଜି ଓକିଲ ସଂଘ ନିର୍ବାଚନ ପାଇଁ ସକାଳ ୮ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଂଘ କାର୍ଯ୍ୟାଳୟରେ ଭୋଟଦାନ ଜାରି ରହିଥିଲା । ଚଳିତ ବର୍ଷ ବାର କାଉନସିଲ୍‌ଙ୍କ ଅନୁମୋଦନ ଅନୁଯାୟୀ ଗଞ୍ଜାମ ଓକିଲ ସଂଘର ମୋଟ ୧୫୮୩ ଜଣ ଆଇନଜୀବୀ ଭୋଟ ଦେବା ପାଇଁ ଯୋଗ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ମୋଟ ୧୩୮୯ଜଣ ଆଇନଜୀବୀ ଆଜି ନିଜର ମତ ସାବ୍ୟସ୍ତ କରିଛନ୍ତି । ଅପରାହ୍ନ ସାଢ଼େ ୪ଟା ସମୟରେ ଭୋଟ ଗଣତି ଆରମ୍ଭ ହୋଇଥିଲା । ସଭାପତି ପଦବୀ ପାଇଁ ୪ ଜଣ ପାର୍ଥୀ ମଇଦାନରେ ଥିବା ବେଳେ ନୟନ ଚନ୍ଦ୍ର ମହାପାତ୍ର ଓ ମନୋଜ କୁମାର ପଟ୍ଟନାୟକଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା । ୬୮୬ ନୟନ ଭୋଟ ପାଇଥିବା ବେଳେ ମନୋଜ ମୋଟ ୫୦୨ ଭୋଟ, ଜଗତ ମୋହନ ପଟ୍ଟନାୟକ ୪୦ , ପ୍ରଦୀପ କୁମାର ପଣ୍ଡା ୧୫୪ ଭୋଟ ପାଇଛନ୍ତି । ତେବେ ନୟନ ୬୮୬ ସର୍ବାଧିକ ଭୋଟ ପାଇଁ ବିଜୟୀ ହୋଇଛନ୍ତି। ସେହିଭଳି ଉପ ସଭାପତି ପଦବୀରେ ୨ ଜଣ ପ୍ରାର୍ଥୀ ମଇଦାନରେ ଥିବା ବେଳେ ରାମ ପ୍ରସାଦ ପଣ୍ଡା ସର୍ବାଧିକ ୧୧୨୧ ଭୋଟ ପାଇଛନ୍ତି। ଅନ୍ୟ ପ୍ରାର୍ଥୀ ଅନିଲ କୁମାର ପଣ୍ଡା ୨୫୮ ଭୋଟ ପାଇଛନ୍ତି । ସମ୍ପାଦକ ପଦବୀ ପାଇଁ ୬ଜଣ ମଇଦାନରେ ଥିବା ବେଳେ ବିରଞ୍ଚି ନାରାୟଣ ମହାପାତ୍ର ସର୍ବାଧିକ ୪୨୭ ଭୋଟ ପାଇଥିବା ବେଳେ ଟି ଭେଙ୍କଟ ରାଓ ୩୭୦ ଖଣ୍ଡ , ଜ୍ୟୋତି ପ୍ରସାଦ ଛୋଟରାୟ ୨୨୦ ଖଣ୍ଡ ଏବଂ ସୁଧୀର କୁମାର ମିଶ୍ର ମୋଟ ୨୧୬ ଖଣ୍ଡ ଭୋଟ, ଟିଟୁ କୁମାର ପାତ୍ର ୬୭ ଭୋଟ ଏବଂ ବୈଜନ୍ତିମାଳା ପାଢ଼ୀ ୪୯ଭୋଟ ପାଇଛନ୍ତି।। ସେହିଭଳି ସହ ସମ୍ପାଦକ ପଦବୀ ପାଇଁ ୨ ଜଣ ପ୍ରାର୍ଥୀ ମଇଦାନରେ ଥିବା ବେଳେ ଗିରିଜା ଶଙ୍କର ବେହେରା ସର୍ବାଧିକ ୭୩୨ ଭୋଟ, ଅସିତ କୁମାର ସାବତ ୬୪୩ ଖଣ୍ଡ ଭୋଟ ପାଇଛନ୍ତି। ମୋଟ ୭୧ଟି ଭୋଟ ନାକଚ ହୋଇଛି। ନିର୍ବାଚନ ଅଧିକାରୀ ଅନିଲ କୁମାର ପଣ୍ଡା ସମସ୍ତ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି । ସୁରକ୍ଷା ଦୃଷ୍ଟିରୁ ଆଜି କୋର୍ଟ ପରିସରରେ ପୁଲିସ ମୁତୟନ ରହିଥିଲେ। ତେବେ ସମ୍ପାଦକ ପଦବୀ ନେଇ ଟି. ଭେଙ୍କେଟ ରାଓ ରିକାଉଣ୍ଟି ପାଇଁ ନିବେଦନ କରିବାରୁ ଏହି ରିପୋର୍ଟ ଲେଖା ହେବାବେଳକୁ ପୁଣି ଗଣତି କରାଯାଉଛି। ବିଜୟ ତାଲିକା ଘୋଷଣା ହେବା ପରେ କୋର୍ଟ ପରିସରରେ ବାଣ ଫୁଟା ହେବା ସହ ଓ ମିଠା ବଣ୍ଟନ ହୋଇଥିଲା ।






ନୟନ ଚନ୍ଦ୍ର ମହାପାତ୍ର(ସଭାପତି)


ରାମଚନ୍ଦ୍ର ପଣ୍ଡା(ଉପସଭାପତି)


ବିରଞ୍ଚି ନାରାୟଣ ମହାପାତ୍ର(ସମ୍ପାଦକ)


ଗିରିଜା ଶଙ୍କର ବେହେରା (ସହସମ୍ପାଦକ)


ମୀରାବାଇ ପାଣିଗ୍ରାହୀ(ମହିଳା କାର୍ଯ୍ୟକାରିଣୀ ସଦସ୍ୟା)

● ବିଜେଡିରେ କେ.ସୂରିୟା ରାଓ

# ପାରଳାଖେମୁଣ୍ଡି ରାଜନୀତିରେ ବଡ଼ ହଲଚଲ

**ପାରଳାଖେମୁଣ୍ଡି,୩୦ ।୩(ସମିସ):** ବିଜେଡିରେ ସାମିଲ ହେଲେ ପାରଳାଖେମୁଣ୍ଡିର ପୂର୍ବତନ କଂଗ୍ରେସ ବିଧାୟକ କେ.ସୂରିୟା ରାଓ। ତାଙ୍କର ବିଜେଡିରେ ଯୋଗଦାନ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ରାଜନୀତିରେ ହଇଚଇ ସୃଷ୍ଟି କରିଛି। କେ.ସୂରିୟା ରାଓଙ୍କ ଯୋଗଦାନ ବିଜେଡିକୁ ଅଧିକ ଶକ୍ତିଶାଳୀ କରିଛି।

୨୦୧୪ ନିର୍ବାଚନରେ କଂଗ୍ରେସରୁ ଲଢ଼ିଥିବା ସୂରିୟା ରାଓ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୧୯ ନିର୍ବାଚନରେ କଂଗ୍ରେସରୁ ଲଢ଼ି ପରାସ୍ତ ହୋଇଥିଲେ। ଏହାପରେ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଇସ୍ତଫା ପରେ ସେ ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ପାଇଁ କାମ କରିଥିଲେ। ହେଲେ ଶନିବାର ସେ ଏବଂ ତାଙ୍କ ସହ ବହୁ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। କିଛି ନିର୍ବାଚିତ ପ୍ରତିନିଧି, ପୂର୍ବତନ ସରପଞ୍ଚ ଓ ନେତାଙ୍କୁ ନେଇ ସେ ଆଜି ଶଙ୍ଖ ଧରିଥିବା ଜଣାପଡ଼ିଛି। ପାରଳାଖେମୁଣ୍ଡିରେ କଂଗ୍ରେସର ବିଜୟ ପଟ୍ଟନାୟକ, ବିଜେପିର କେ.ନାରାୟଣ ରାଓ ପ୍ରାର୍ଥୀ ହେବେ ବୋଲ ପ୍ରଚାର ହେଉଥିବା ବେଳେ ବିଜେଡିର ପ୍ରାର୍ଥୀ କିଏ ହେବ ତାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ବିଜେଡି ସୁପ୍ରିମୋ ପାରଳା ନିର୍ବାଚନମଣ୍ଡଳୀ ପାଇଁ ନିଜ ଦଳର ପ୍ରାର୍ଥୀ ଘୋଷାଣା ପରେ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିବ। ବିଜେଡିରେ ସୁରିୟା ରାଓ ଏବଂ ତାଙ୍କ ଅନେକ ସମର୍ଥକ ସାମିଲ ହୋଇଥିବାରୁ ଚଳିତ ନିର୍ବାଚନରେ ପାରଳା ବିଧାନସଭାମଣ୍ଡଳୀରେ ବିଜେଡି ଆହୁରି ସୁଦୃଢ଼ ହେବା ସହ ଅଧିକ ତେଲୁଗୁ ଭୋଟରଙ୍କୁ ହାତେଇବାରେ ସଫଳ ହେବ ବୋଲି କୁହାଯାଉଛି। ଶ୍ରୀ ରାଓ ବିଜେଡିରେ ଯୋଗଦାନ ପରେ ଜିଲ୍ଲା ବିଜେଡି ନେତୃବୃନ୍ଦ ତାଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ନେହରୁ ବହୁମୁଖୀ ବିଦ୍ୟାପୀଠର ବାର୍ଷିକ ଉତ୍ସବ



**ସାନଖେମୁଣ୍ଡି,୩୦ ।୩(ସମିସ):** ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ସରକାରୀ ନେହରୁ ବହୁମୁଖୀ ବିଦ୍ୟାପୀଠର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରହରାଜ, ସମ୍ମାନିତ ଅତିଥି ଭାବେ ଏସ୍‌ଏମ୍‌ସି ସଭାପତି ଡି.ଜଗନ୍ନାଥ ଆଚାରି ମଞ୍ଚାସୀନ ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ଶିକ୍ଷକ କିଶୋର କୁମାର ରାଉତ, ଦିଗାମ୍ବର ରଣା, ବାଇନଥ ପାଣିଗ୍ରାହୀ, ସୁଶାନ୍ତ କୁମାର ମିଶ୍ର, ଧରିତ୍ରୀ ମିଶ୍ର, ଲିପୋଲିନ ପାତ୍ର, ବ୍ରହ୍ମଶ୍ରୀ ବେହେରା, ମିତା ସାହୁ, ଲିପି ଗମାଙ୍ଗ, ପ୍ରିୟଙ୍କା ଦଳାଇ, ଶୀତଲ ପଟ୍ଟନାୟକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଶିକ୍ଷାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



# ପାପୁଲି କଟାଥିବା ମାନସିକ ଭିନ୍ନକ୍ଷମ ଯୁବକ ଉଦ୍ଧାର

**ମୋହନା,୩୦।୩(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଯୋଡ଼ାଆମ୍ବ କେନାଲ ସାହିରୁ ପାପୁଲି କଟାଥିବା ଜଣେ ମାନସିକ ଭିନ୍ନକ୍ଷମ ଯୁବକଙ୍କୁ ଉଦ୍ଧାର କରିଛି ଚନ୍ଦ୍ରଗିରି ଫାଣ୍ଡି ପୁଲିସ। ଉଦ୍ଧାର ଯୁବକ ଜଣଙ୍କ ବାଘମାରୀ ପଞ୍ଚାୟତ ବୁଡୁଣୀ ଗ୍ରାମର ମସିହା ମଳିକ ବୋଲି ଜଣାପଡ଼ିଛି। ସେ ଜଣେ ମାନସିକ ଭିନ୍ନକ୍ଷମ ଯୁବକ ହୋଇଥିବା ବେଳେ କିଛି ଦିନ ଧରି ଯୋଡ଼ାଆମ୍ବ କେନାଲ ସାହି ଅଞ୍ଚଳରେ ରହୁଥିଲେ। ଆଜି ମସିହାଙ୍କ ବାମ ପାପୁଲିଟି ସମ୍ପୂର୍ଣ୍ଣ କଟି ଯାଇଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଆହତ ମସିହାଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ସ୍ଥାନାନ୍ତର କରାଯାଇଛି। ତେବେ କେଉଁ ପରିସ୍ଥିତିରେ ଜଣେ ମାନସିକ ଭିନ୍ନକ୍ଷମ ଯୁବକଙ୍କ ହାତ ପାପୁଲି କଟିଲା ପୁଲିସ ତାର ତଦନ୍ତ ଆରମ୍ଭ କରିଛି।

# ଯୁବକଙ୍କୁ ଛୁରି ଭୁସି ହତ୍ୟା

**ହିଞ୍ଜିଳିକାଟୁ, ୩୦ ।୩(ସମିସ):** ବେଲଗାଁ ଥାନା ତଥା ହିଞ୍ଜିଳିକାଟୁ ବ୍ଲକ ଅଧୀନ ପାଟପୁର ଗ୍ରାମରେ ଜଣେ ଯୁବକଙ୍କୁ ଛୁରି ଭୁସି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ସଞ୍ଜୟ ନାୟକ(୩୨) । ତାଙ୍କ ଘର ବେଲଗାଁ ଥାନା ଅନ୍ତର୍ଗତ ହନ୍ତସ ଗ୍ରାମର ବୋଲି ଜଣାପଡ଼ିଛି। ସଞ୍ଜୟ ଶୁକ୍ରବାର ରାତିରୁ ଖାଇବା ନେଇ ପାଟପୁର ଓ ଧୋବାଡି ଗ୍ରାମ ମଧ୍ୟବର୍ତ୍ତୀ ସ୍ଥାନୀୟ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ବେଲଗାଁ ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ରକ୍ତଭିଜା ଛୁରି ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିବା ଜଣାପଡ଼ିଛି। ତେବେ କିଏ ଓ କେଉଁ କାରଣରୁ ଏହି ନିର୍ମମ କାଣ୍ଡ ଭିଆଇଛି ତାହା ଜଣାପଡ଼ିନାହିଁ। ରିପୋର୍ଟ ଲେଖାହେବା ସୁଦ୍ଧା ଆସିକା



ଏକ ପଦର ଜମି ନିକଟରେ ଥିବା ନିଜର ଅର୍ଦ୍ଧନିର୍ମିତ ଘରକୁ ଦେଖାରଖା ପାଇଁ ଆସିଥିଲେ। ତେବେ ଶନିବାର ଅପରାହ୍ନ ସମୟରେ ତାଙ୍କର କ୍ଷତାକ୍ତ ମୃତଦେହ ଘର ସମ୍ମୁଖରେ ପଡ଼ିଥିବା ଦେଖି ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠୀ ଓ ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ ଘଟଣାସ୍ଥଳରେ ତଦନ୍ତ ଜାରି ରଖିଛନ୍ତି।

## ବ୍ରହ୍ମପୁର ସହରରେ ଅପରାଧର ନୂଆ ଟ୍ରେଣ୍ଡ

# ସୋସିଆଲ ମିଡିଆରେ ବିରୋଧୀ ଗୋଷ୍ଠୀଙ୍କୁ ଦିଆଯାଉଛି ଆହ୍ୱାନ

- ନିଶାସକ୍ତ ହୋଇ ଅପରାଧ ଦୁନିଆଁରେ ପାଦ ଥାପୁଛନ୍ତି କମ୍ ବୟସ୍କ
- ମାରଣାସ୍ତ୍ର ସହ ରିଲ୍ସ କରି ଚର୍ଚ୍ଚାରେ ରହିବାକୁ କରୁଛନ୍ତି ପ୍ରୟାସ
- ସମୟୋଚିତ ପୁଲିସ କାର୍ଯ୍ୟାନୁଷ୍ଠାନ ନ ହେଲେ ଗ୍ୟାଙ୍ଗୱାର ଆଶଙ୍କା

**ବ୍ରହ୍ମପୁର,୩୦ ।୩(ସମିସ)**

ଆଗକୁ ସାଧାରଣ ନିର୍ବାଚନ। ପୁଲିସ ଡାଳେଡାଳେ ଗଲାବେଳେ ଅପରାଧୀ ପତ୍ରେପତ୍ରେ ଯିବାକୁ ଚେଷ୍ଟା କରୁଛନ୍ତି। ଏଭଳି ପରିସ୍ଥିତିରେ ଗୋଳିଆ ପାଣିର ସୁଯୋଗ ନେଇ ଅପରାଧ ଜଗତରେ ପାଦ ଥାପିବାକୁ ଚେଷ୍ଟା କରୁଛନ୍ତି କମ୍ ବୟସ୍କ। ସହରରେ ଗତ କିଛି ବର୍ଷ ହେଲା ଗୋଷ୍ଠୀ ବିବାଦ ବା ଗ୍ୟାଙ୍ଗୱାର ପ୍ରାୟ ବନ୍ଦ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ନିର୍ବାଚନକୁ ନେଇ ପୁଲିସର ବ୍ୟସ୍ତତାର ଫାଇଦା ନେବାକୁ ଯାଇ କିଛି ଅପରାଧିକ ଗୋଷ୍ଠୀ ସହରରେ ସକ୍ରିୟ ହେଉଥିବା ଜଣାପଡିଛି। ସହରରେ ନିୟମିତ ବ୍ୟବଧାନରେ କିଛିନା କିଛି ଅପରାଧିକ କାଣ୍ଡ ହେଉଛି। ତେବେ କମ୍ ବୟସ୍କ ପିଲାଙ୍କ ଅପରାଧ ଦୁନିଆରେ ପାଦଥାପିବା ସମସ୍ତଙ୍କ ପାଇଁ ବଡଚିନ୍ତାର ବିଷୟ ହୋଇଛି। ଗତକିଛିଚଦିନ ହେଲା ସହରରେ ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି। ବିରୋଧୀ ଗୋଷ୍ଠୀର ସଦସ୍ୟଙ୍କୁ ଉସୁକାଇବା ଓ ଗଣ୍ଡଗୋଳ ପାଇଁ ଆହ୍ୱାନ ଦେବା ଭଳି ଘଟଣା ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିଜ ନିଜ ବସ୍ ବା ଭାଇନାଙ୍କ ଅଜାଣତରେ ଗ୍ୟାଙ୍ଗର ସଦସ୍ୟମାନେ ହାତରେ ମାରଣାସ୍ତ୍ର ଧରି ତଥା ନିଶାଶକ୍ତ ହୋଇ ରିଲ୍ସ କରି କିମ୍ବା ଇନ୍‌ଷ୍ଟା ଓ ଫେସବୁକରେ ଲାଇଭ କରି ବିପକ୍ଷ ଗୋଷ୍ଠୀର ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଓ ଧମକାଇବା ଭଳି ଘଟଣା ଦେଖିବାକୁ ମିଳୁଛି। ନିକଟରେ ବିଭିନ୍ନ ଗୋଷ୍ଠୀର ସଦସ୍ୟଙ୍କ ଦ୍ୱାରା ଏକାଧିକ ଘଯଣା ନଜରକୁ ଆସିଛି। ଗୋଟିଏ ଘଟଣାରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ନୋଟିସ ଜାରି କରି ତାଗିଦ କରିଥିବା ବେଳେ ଅନ୍ୟ ଏକ ଘଟଣାରେ ଦୁଇ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଏଭଳି ଘଟଣା ଯୋଗୁଁ ସହରରେ ଶାନ୍ତିଭଙ୍ଗ ହେବା ସହ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି। ଏଭଳି ଘଟଣା ଆଗକୁ ଜାରି ରହିଲେ ନିର୍ବାଚନ ସମୟରେ ଅରାଜକତା ବଢିବା ସହିତ ସହରରେ ପୁଣି ଗ୍ୟାଙ୍ଗୱାରର ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଯାହାକୁ ନେଇ ଖୋଦ୍ ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ଘଟଣାକୁ ରୋକିବା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ସୂଚନା ଦେଇଛନ୍ତି। ଏଭଳି ଘଟଣାକୁ ପ୍ରତିହତ କରିବା ପାଇଁ ଜେଲ ଫେରନ୍ତା ତଥା ପୂର୍ବରୁ ଅପରାଧିକ ମାମଲାରେ ଜଡିତ ଥିବା ତଥା ବିଭିନ୍ନ ଗୋଷ୍ଠୀର ସର୍ଦ୍ଦାର ବା ଭାଇନାମାନଙ୍କୁ ପ୍ରଥମେ ତାଗିଦ କରାଯିବ ଓ ଆବଶ୍ୟକ ସ୍ଥଳେ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ବ୍ରହ୍ମପୁର ଏସପି।

# ସରକାରୀ ଅର୍ଥ ହେର୍‌ଫେର୍ ମାମଲାରେ ୩ ନିର୍ଦ୍ଦୋଷ

**ବ୍ରହ୍ମପୁର,୩୦ ।୩(ସମିସ):** ସରକାରୀ ଅର୍ଥ ହେରଫେର ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ଼. ଅରୁଣ କୁମାର ସାହୁ ପ୍ରମାଣ ଅଭାବରୁ ୩ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପାତ୍ରପୁର ବ୍ଲକ୍ ପଦାଦିଗି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରସନ୍ନ ଚୌଧୁରୀ, ପୂର୍ବତନ ସମ୍ପାଦକ ପ୍ରଦ୍ମଚରଣ ନାୟକ ଓ ପୂର୍ବତନ ଭିଏଲ୍‌ଡବ୍ଲୁ ତଥା ନିର୍ବାହୀ ଅଧିକାରୀ ଜେ. ରାମା ରାଓ। ୨୦୦୬-୦୭ ମସିହାରେ ଏମଜିଏନଆରଇଜିଏରେ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ମାଧୁରୀବନ୍ଧର ନବୀକରଣ କାମ କରାଯାଇଥିଲା। ଏହି ପ୍ରକଳ୍ପରେ ୧ଲକ୍ଷ ୧୯ ହଜାର ୯୭୬ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି ନାରାୟଣପୁର ଗ୍ରାମର ରାସ୍ତା କାମରେ ମଧ୍ୟ ୪୦ହଜାର ଟଙ୍କା ହେରଫେର ହୋଇଥିବା ଅଡିଟ ବେଳେ ଜଣାପଡ଼ିଥିଲା। ଏହା ସହିତ ପଦାଦିଗି ଓ କୃପାସିନ୍ଧୁପଲ୍ଲୀ ଗ୍ରାମର ଅନ୍ୟ ଦୁଇଟି ଉନ୍ନୟନ କାମରେ ମଧ୍ୟ ଅର୍ଥ ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏଭଳି ପ୍ରାୟ ୨ଲକ୍ଷ ୭୩ହଜାର ଟଙ୍କାର ସରକାରୀ ଅର୍ଥ ହେରଫେର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଅନୁସାରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ୨୦୦୮ ମସିହା ମେ ୧୪ତାରିଖରେ କେସ ନମ୍ବର ୧୩/୦୮ରେ ମାମଲା ରୁଜୁ କରି କୋର୍ଟରେ ୩ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଥିଲା। ମାମଲାର ବିଚାରଣା ବେଳେ ୨୭ଜଣ ସାକ୍ଷୀଙ୍କ ବୟାନ ରେକଡର୍ କରାଯାଇଥିଲା। ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ୩ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦଲାଙ୍କ ପକ୍ଷରୁ ଆଇନଜୀବୀ ଭବାନୀ ପ୍ରସାଦ ପଣ୍ଡା, ଚିତ୍ତରଞ୍ଜନ ଶତପଥୀ ଓ ମନୋଜ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

